# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

### 23rd July - 2026

***********************************

***Puri/R***

## ସନ୍ଧ୍ୟାଦର୍ଶନ

ଶ୍ରୀକ୍ଷେତ୍ର ପୁରୀରେ ଗୁଣ୍ଡିଚା ମନ୍ଦିର ଆଡ଼ପ ମଣ୍ଡପରେ ଆଜି ଶ୍ରୀଜିଉଙ୍କ ନବମୀ ସନ୍ଧ୍ୟା ଦର୍ଶନ ଅନୁଷ୍ଠିତ ହେବ । ଗତକାଲି ତିନିରଥକୁ ଦକ୍ଷିଣ ମୋଡ଼ କରାଯିବା ପରେ ରଥଗୁଡ଼ିକୁ ଗୁଣ୍ଡିଚା ମନ୍ଦିର ନାକଚଣା ଦ୍ୱାର ସମ୍ମୁଖରେ ରଖାଯାଇଛି । ଆସନ୍ତାକାଲି ବାହୁଡ଼ା ଯାତ୍ରା ଥିବାରୁ ଆଜି ସନ୍ଧ୍ୟାଦର୍ଶନକୁ ଅପରାହ୍ଣ ୬ଟାରେ ବନ୍ଦ ରଖିବାକୁ ନିଷ୍ପତ୍ତି ନିଆଯାଇଛି । ଦର୍ଶନ ବନ୍ଦ ପରେ ସନ୍ଧ୍ୟାଧୂପ ଓ ଆଳତୀ ନୀତି କରାଯିବା ପରେ ବଡ଼ସିଂହାର ଭୋଗ ହୋଇ ପହୁଡ଼ ଆଳତୀ କରାଯିବ । ବହୁସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ଭିଡ଼କୁ ଦୃଷ୍ଟିରେ ରଖି ଶୃଙ୍ଖଳିତ ଦର୍ଶନ ନିମନ୍ତେ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଛି ।

***Desk***

## ରେଳ ବଜେଟ୍

ଓଡ଼ିଶାକୁ ରେଳ ବଜେଟ୍ ଆବଣ୍ଟନ ପରିମାଣ ଗତ ୧୨ ବର୍ଷ ମଧ୍ୟରେ ପ୍ରାୟ ୧୩ ଗୁଣ ବୃଦ୍ଧି ପାଇଥିବା କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ

ଲୋକସଭାରେ ସୂଚନା ଦେଇଛନ୍ତି । ଶ୍ରୀ ବୈଷ୍ଣବ କହିଛନ୍ତି, ୨୦୦୯ରୁ ୨୦୧୪ ମସିହା ମଧ୍ୟରେ ରାଜ୍ୟକୁ ବାର୍ଷିକ ୮୩୮ କୋଟି ଟଙ୍କା ମିଳିଥିବାବେଳେ ୨୦୨୬-୨୭ ଆର୍ଥିକ ବର୍ଷରେ ଏହା ୧୩ ଗୁଣ ବୃଦ୍ଧି ପାଇ ୧୦ ହଜାର ୯୨୮ କୋଟି ଟଙ୍କାରେ ପହଞ୍ଚିଛି । ଓଡ଼ିଶାରେ ଅମୃତ ଭାରତ ଷ୍ଟେସନ ଯୋଜନାରେ ୫୯ଟି ଷ୍ଟେସନ୍‌ର ପୁନର୍ବିକାଶ ହେଉଛି । ରୋଜ୍ୟରେ ନୂଆ ରେଳଟ୍ରାକ୍ ନିର୍ମାଣ ସାଢ଼େ ୩ ଗୁଣ ବଢ଼ିଥିବା ମନ୍ତ୍ରୀ ଶ୍ରୀ ବୈଷ୍ଣବ କହିଛନ୍ତି ।

***Desk***

## ମତ୍ସ୍ୟସମ୍ପଦ ଯୋଜନା

ପ୍ରଧାନମନ୍ତ୍ରୀ ମତ୍ସ୍ୟସମ୍ପଦ ଯୋଜନାରେ ଓଡ଼ିଶା ପକ୍ଷରୁ ୧ ହଜାର ୩୦୧ କୋଟି ୧୮ ଲକ୍ଷ ଟଙ୍କାର ପ୍ରସ୍ତାବକୁ କେନ୍ଦ୍ର ସରକାର ମଞ୍ଜୁର କରିଛନ୍ତି । ଏଥିମଧ୍ୟରୁ ୪୮୪ କୋଟି ୬୪ ଲକ୍ଷ ଟଙ୍କାର ଅନୁଦାନ କେନ୍ଦ୍ର ସରକାରଙ୍କ ପକ୍ଷରୁ ରାଜ୍ୟକୁ ମିଳିବ ବୋଲି ରାଜ୍ୟସଭାରେ ଏକ ପ୍ରଶ୍ନର ଉତ୍ତରରେ କେନ୍ଦ୍ର ମତ୍ସ୍ୟ ଓ ପ୍ରାଣୀପାଳନ ମନ୍ତ୍ରୀ ରାଜୀବ ରଞ୍ଜନ ସିଂହ କହିଛନ୍ତି । ଏହି ଯୋଜନାରେ ସମ୍ବଲପୁରର ବସନ୍ତପୁରଠାରେ ୧୦୦ କୋଟି ଟଙ୍କା ବ୍ୟୟ ଅଟକଳରେ ଏକ ସମନ୍ୱିତ ଆକ୍ୱାପାର୍କ ପ୍ରତିଷ୍ଠା ସହ ଭୁବନେଶ୍ୱରର ପାଣ୍ଡରାଠାରେ ୫୯ କୋଟି ୧୩ ଲକ୍ଷ ଟଙ୍କା ବ୍ୟୟରେ ଏକ ଅତ୍ୟାଧୁନିକ ହୋଲ୍‌ସେଲ୍ ମାଛ ବଜାର ନିର୍ମାଣପାଇଁ ମଞ୍ଜୁରି ମିଳିଥିବା ଶ୍ରୀ ସିଂହ ସୂଚନା ଦେଇଛନ୍ତି ।

*Desk*

# ମୌଳିକ ଶିକ୍ଷା

ମୌଳିକ ଶିକ୍ଷାକୁ ସୁଦୃଢ଼ କରିବା ଏବଂ ଶିକ୍ଷଣୀୟ ଫଳାଫଳରେ ସୁଧାର ଆଣିବାପାଇଁ ମାତୃଭାଷା ଓ ବହୁଭାଷୀ ଶିକ୍ଷାକୁ ପ୍ରୋତ୍ସାହିତ କରିବା ଆବଶ୍ୟକ ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି । ନୂଆଦିଲ୍ଲୀରେ ଆୟୋଜିତ ଶିକ୍ଷାମନ୍ତ୍ରୀମାନଙ୍କ ସମ୍ମିଳନୀରେ ଅଧ୍ୟକ୍ଷତା କରି ଶ୍ରୀ ପ୍ରଧାନ କହିଛନ୍ତି, ପ୍ରତ୍ୟେକ ଶିଶୁର ସଫଳତା ସରକାରଙ୍କ ଉତ୍ତରଦାୟିତ୍ୱ । ବିଦ୍ୟାଳୟ ଶିକ୍ଷାକୁ ମଜବୁତ୍ କରିବାରେ କେନ୍ଦ୍ର ଓ ରାଜ୍ୟଗୁଡ଼ିକ ସମାନ ଭାଗିଦାର ବୋଲି ଶିକ୍ଷାମନ୍ତ୍ରୀ କହିଛନ୍ତି ।

*Desk*

# ସ୍ୱତନ୍ତ୍ର କୋର୍ଟ ସ୍ଥାପନ

ରାଜ୍ୟରେ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଲୋକଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ ଏବଂ ସେମାନଙ୍କ ଅଧିକାର ସୁରକ୍ଷାପାଇଁ ୬ଟି ଜିଲ୍ଲାରେ ସ୍ୱତନ୍ତ୍ର କୋର୍ଟ ସ୍ଥାପନ ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି । ଓଡ଼ିଶା ଉଚ୍ଚ ନ୍ୟାୟାଳୟଙ୍କ ସୁପାରିସ ଓ ସହମତିକ୍ରମେ ଏହି କୋର୍ଟ ସ୍ଥାପନ କରାଯିବ । କୋର୍ଟଗୁଡ଼ିକ ଭଦ୍ରକ, ଗଞ୍ଜାମ, ଯାଜପୁର, କେନ୍ଦ୍ରାପଡ଼ା, ପୁରୀ ରଜସ୍ୱ ଜିଲ୍ଲା ଏବଂ ଖୋର୍ଦ୍ଧା ରାଜସ୍ୱ ସବ୍‌ଡିଭିଜନ ପରିସର ମଧ୍ୟରେ କାର୍ଯ୍ୟକାରୀ ହେବ । ଏହି ନୂତନ ସ୍ୱତନ୍ତ୍ର

କୋର୍ଟଗୁଡ଼ିକ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ସ୍ୱତନ୍ତ୍ର କୋର୍ଟ ଭାବେ କାର୍ଯ୍ୟ କରିବ ।

*Ganjam/R*

# ମାତୃ ଓ ଶିଶୁ ସ୍ୱାସ୍ଥ୍ୟ

ଗଞ୍ଜାମ ଜିଲ୍ଲାରେ ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ସୂଚକାଙ୍କରେ ଉନ୍ନତି ଆଣିବା ସହ ଜନସ୍ୱାସ୍ଥ୍ୟ ସେବାକୁ ସୁଦୃଢ଼ କରିବା ଲକ୍ଷ୍ୟରେ ପ୍ରଜନନ, ମାତୃ, ନବଜାତ ଶିଶୁ ପୋଷଣ କାର୍ଯ୍ୟକ୍ରମର ଫଳପ୍ରଦ କାର୍ଯ୍ୟାନ୍ୱୟନ ଉପରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଛନ୍ତି । ସରକାରୀ ସ୍ୱାସ୍ଥ୍ୟ ଅନୁଷ୍ଠାନଗୁଡ଼ିକରେ ଉନ୍ନତ ସ୍ୱାସ୍ଥ୍ୟସେବା ପରିଚାଳନା, ଆବଶ୍ୟକ ଔଷଧ, ପରୀକ୍ଷା ସୁବିଧା, ରୋଗୀ ପରିବହନ ବ୍ୟବସ୍ଥାର ନିୟମିତ ତଦାରଖ କରିବାକୁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

***Desk***

# ଜାତୀୟ ପ୍ରସାରଣ ଦିବସ

ଦେଶରେ ବିକାଶ, ଶିକ୍ଷାଗତ ପ୍ରସାର ଏବଂ ସାଂସ୍କୃତିକ ସଂରକ୍ଷଣରେ ପ୍ରସାରଣ କ୍ଷେତ୍ରର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ମନେ ପକାଇବା ପାଇଁ ଆଜି ସମଗ୍ର ଦେଶରେ **ଜାତୀୟ ପ୍ରସାରଣ ଦିବସ** ପାଳନ କରାଯାଉଛି । ୧୯୨୭ ମସିହା ଆଜିର ଦିନରେ ଭାରତୀୟ ପ୍ରସାରଣ କମ୍ପାନୀ ଅଧୀନରେ ବମ୍ବେ ଷ୍ଟେସନରୁ

ଦେଶର ପ୍ରଥମ ରେଡିଓ ପ୍ରସାରଣ ଆରମ୍ଭ ହୋଇଥିଲା। ୧୯୩୬ ମସିହା ଜୁନ୍ ମାସ ୮ ତାରିଖରେ ଭାରତୀୟ ରାଜ୍ୟ ପ୍ରସାରଣ ସେବାର ନାମ ଅଲ୍ ଇଣ୍ଡିଆ ରେଡିଓ-ଏ.ଆଇ.ଆର. ରଖାଯାଇଥିଲା ଏବଂ ପରେ ଏହା ଆକାଶବାଣୀ ନାମରେ ନାମିତ ହୋଇଥିଲା। ଦଶନ୍ଧିବ୍ୟାପୀ ବିଭିନ୍ନ ବର୍ଗର ବିଶ୍ୱସ୍ତ ଶ୍ରୋତାଙ୍କ ନିକଟରେ ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ମନୋରଞ୍ଜନ ଭଳି ବିଭିନ୍ନ କ୍ଷେତ୍ର ସମ୍ବନ୍ଧୀୟ ସୂଚନା ପହଞ୍ଚାଇବା ସହ ଆକାଶବାଣୀ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ସୁଦୀର୍ଘ ଯାତ୍ରା ଜାରି ରଖିଛି।

***Desk***

# ରୋବୋଟିକ୍ ନିରୀକ୍ଷଣ

ଯାତ୍ରୀ ଓ ରେଳ ସୁରକ୍ଷା ପରିଚାଳନାକୁ ଆହୁରି ସୁଦୃଢ଼ କରିବା ଲକ୍ଷ୍ୟରେ ପୂର୍ବତଟ ରେଳପଥ ପକ୍ଷରୁ କୃତ୍ରିମ ବୁଦ୍ଧିମତ୍ତା ପରିଚାଳିତ ରୋବୋଟିକ୍ ନିରୀକ୍ଷଣ ବ୍ୟବସ୍ଥାର ଶୁଭାରମ୍ଭ କରାଯାଇଛି । ଭୁବନେଶ୍ୱର ରେଳ ସଦନରେ ଡି.ଏସ୍.ସି. ଅର୍ଜୁନ ନାମରେ ଅତ୍ୟାଧୁନିକ ରୋବଟ୍‌କୁ ନିୟୋଜିତ କରାଯାଇଛି ।

*Desk*

# ରାଜ୍ୟଗୋଷ୍ଠୀ କ୍ରୀଡ଼ା

ସ୍କଟଲାଣ୍ଡର ଗ୍ଲାସ୍‌ଗୋଠାରେ ଆଜିଠାରୁ ରାଜ୍ୟଗୋଷ୍ଠୀ କ୍ରୀଡ଼ା ପ୍ରତିଯୋଗିତା ଆରମ୍ଭ ହେଉଛି । ଏଥିରେ ଓଡ଼ିଶାରୁ ୪ ଜଣ କ୍ରୀଡ଼ାବିତ୍ ଅଂଶଗ୍ରହଣ କରୁଛନ୍ତି । ଧାବକ ଅନିମେଶ କୁଜୁର୍, ଜିମ୍‌ନାଷ୍ଟ ତପନ ମହାନ୍ତି, ତପେଶ୍ୱରନାଥ ଦାସ ଏବଂ ପ୍ରଣତି ନାୟକ ଭାଗ ନେଉଛନ୍ତି ।

*Desk*

# ପାଣିପାଗ

ରାଜ୍ୟର ବିଭିନ୍ନ ସ୍ଥାନରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ସକ୍ରିୟ ହେବା ସହ ବର୍ଷା ଲାଗିରହିଛି । ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ୧୦ଟି ଜିଲ୍ଲାରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି । ଗତ ୨୪ ଘଣ୍ଟା ମଧ୍ୟରେ କଟକ ଜିଲ୍ଲାର ଅଠଗଡ଼ଠାରେ ସର୍ବାଧିକ ୨୦୬ ମିଲିମିଟର ବର୍ଷା ହୋଇଥିବା ରେକର୍ଡ଼ କରାଯାଇଛି ।

*****